1959

ଫେବୃଆରୀ 13

ସଂଯୁକ୍ତ ବିଦ୍ୟୁତ କମ୍ପାନୀ ଲିମିଟେଡ଼

ବନାମ

ଏନ୍. ଏସ୍. ବାଥିନା

(ଜାଫର ଇମାମ, ଏ. କେ. ସରକାର ଏବଂ କେ. ସୁବ୍ବା ରାଓ, ନ୍ୟାୟମୂର୍ତ୍ତିବୃନ୍ଦ)

*ମଧ୍ୟସ୍ଥତା- ବିଦ୍ୟୁତ ଲାଇସେନ୍ସରେ ମଧ୍ୟସ୍ଥତା ଧାରା - ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ବାଧ୍ୟତାମୂଳକ କି- ବିଦ୍ୟୁତ (ଯୋଗାଣ) ଅଧିନିୟମ, 1948 (54/1948), ଧାରା 57, ଷଷ୍ଠ ଅନୁସୂଚୀର ଖଣ୍ଡ XVI ।*

ବିଦ୍ୟୁତ୍ (ଯୋଗାଣ) ଅଧିନିୟମ, 1948 ର ଧାରା 57 (1) ଦ୍ୱାରା ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଶକ୍ତି ଯୋଗାଣ ପାଇଁ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଲାଇସେନ୍ସରେ ଅନ୍ତର୍ଭୁକ୍ତ ମଧ୍ୟସ୍ଥତା ଧାରା ଲାଇସେନ୍ସଧାରୀ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ବିବାଦ ଉପରେ ନିଷ୍ପତ୍ତି କରିବା ପାଇଁ ଉପଲବ୍ଧ ନୁହେଁ, କାରଣ ଲାଇସେନ୍ସ ହେଉଛି ଲାଇସେନ୍ସଧାରୀ ଏବଂ ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ଏବଂ ଏଥିରେ ମଧ୍ୟସ୍ଥତା ଧାରା କେବଳ ସେମାନଙ୍କ ମଧ୍ୟରେ ବିବାଦକୁ ସୂଚିତ କରେ । ଧାରା 57 ( 1), ମଧ୍ୟସ୍ଥତା ଖଣ୍ଡକୁ ବୈଧାନିକ ବ୍ୟବସ୍ଥା କରିନଥାଏ ଯାହା ଦ୍ୱାରା କୌଣସି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ବିବାଦକୁ ମଧ୍ୟସ୍ଥତା ନିକଟକୁ ପଠାଯାଇପାରିବ ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 361/1958 ।

ନିୟମିତ ଦେୱାନୀ ମକଦ୍ଦମା ସଂଖ୍ୟା 197/1955ରେ ବେଲଗାମର ଜୁନିୟର ଡିଭିଜନର ପ୍ରଥମ ଯୁଗ୍ମ ଦେୱାନୀ ବିଚାରପତିଙ୍କ ସେପ୍ଟେମ୍ବର 1,1955ରେ ଆଦେଶରୁ ଉତ୍ପନ୍ନ ହୋଇଥିବା ବିବିଧ ଆବେଦନ ସଂଖ୍ୟା 36/1955ରେ ବେଲଗାମର ଦ୍ୱିତୀୟ ଅତିରିକ୍ତ ସହାୟକ ବିଚାରପତିଙ୍କ ନ୍ୟାୟାଳୟରେ ଅଗଷ୍ଟ 10,1956ରେ ରାୟ ଏବଂ ଆଦେଶ ବିରୁଦ୍ଧରେ ଦେୱାନୀ ପୁନରୀକ୍ଷଣ ସଂଖ୍ୟା 702/1956ରେ ମହୀଶୂର ଉଚ୍ଚ ନ୍ୟାୟାଳୟର ଡିସେମ୍ବର 11,1957 ର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଏମ୍. ଏମ୍. ଘାରେଖାନ୍* ଏବଂ *ଆଇ. ଏନ୍. ଶ୍ରଫ୍* । ନ୍ୟାୟମୂର୍ତ୍ତି ସରକାର

ଉତ୍ତରଦାତାଙ୍କ ପକ୍ଷରୁ *ଡି. ଡି. ଚାୱଲା* ଏବଂ *ଜି. ଗୋପାଳକ୍ରିଷ୍ଣନ* ।

ହସ୍ତକ୍ଷେପକାରୀଙ୍କ ପକ୍ଷରୁ(ଭାରତର ଆଟର୍ଣ୍ଣି ଜେନେରାଲ) *ବି. ସେନ୍* ଏବଂ *ଟି. ଏମ୍. ସେନ୍* ।

1959

ସଂଯୁକ୍ତ ବିଦ୍ୟୁତ୍ କମ୍ପାନୀ ଲିମିଟେଡ଼ ବନାମ ବାଥିନା

ନ୍ୟାୟମୂର୍ତ୍ତି ସରକାର

1959 ମସିହା ଫେବୃଆରୀ 13 । ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ସରକାରଙ୍କ ଦ୍ୱାରା -ଏହା ହେଉଛି ବାଙ୍ଗାଲୋରର ଉଚ୍ଚ ନ୍ୟାୟାଳୟ ଦ୍ୱାରା ପୁନରୀକ୍ଷଣ ଯାଚିକା ଉପରେ ପାରିତ ରାୟର ଏକ ଆବେଦନ । ପ୍ରଶ୍ନ ହେଉଛି ଯେ 1940 ମସିହାର ମଧ୍ୟସ୍ଥତା ଅଧିନିୟମର ଧାରା 34 ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ମକଦ୍ଦମା ସ୍ଥଗିତ ରଖିବା ଉଚିତ କି ।

ଆବେଦନକାରୀ ବେଲଗାମରେ ବିଦ୍ୟୁତ୍ ଶକ୍ତି ଯୋଗାଣକାରୀ ଭାବରେ ବ୍ୟବସାୟ କରନ୍ତି । ଏହା ଭାରତୀୟ ବିଦ୍ୟୁତ ଅଧିନିୟମ, 1910ର ଧାରା 3 ଅନୁଯାୟୀ ସରକାରଙ୍କଠାରୁ ଏକ ଲାଇସେନ୍ସ ହାସଲ କରିଥିଲା, ଯାହା ସେହି ଅଞ୍ଚଳରେ ଶକ୍ତି ଯୋଗାଣ ପାଇଁ ଏହାକୁ କ୍ଷମତା ପ୍ରଦାନ କରିଥିଲା । ଉତ୍ତରଦାତା, ଯିଏକି ମକଦ୍ଦମାର ବାଦୀ ଅଟନ୍ତି, ଆବେଦନକାରୀଙ୍କଠାରୁ ବିଦ୍ୟୁତ୍ ଯୋଗାଣ ପ୍ରାପ୍ତ କରିଥିଲେ । ଉତ୍ତରଦାତା ଅନୁଭବ କଲେ ଯେ ଏହିପରି ଯୋଗାଇ ଦିଆଯାଇଥିବା ବିଦ୍ୟୁତ୍ ପାଇଁ ଆବେଦନକାରୀଙ୍କ ଦ୍ୱାରା ତାଙ୍କୁ ଅତ୍ୟଧିକ ମୂଲ୍ୟ କରାଯାଉଛି । ଏହା ପରେ ସେ ବେଲଗାମସ୍ଥିତ ଦେୱାନୀ ବିଚାରପତି ନ୍ୟାୟାଳୟରେ ଜୁନ୍ 8,1955 ରେ କିମ୍ବା ସେହି ସମୟରେ ଏକ ମକଦ୍ଦମା ଦାୟର କରିଥିଲେ, ଯାହା ବୈଧ ମୂଲ୍ୟ ବୋଲି ଭାବି ସେ ଅଧିକ ପରିମାଣର ଅର୍ଥ ଫେରସ୍ତ ଦାବି କରିଥିଲେ । ଏହା ପରେ ଆବେଦନକାରୀ ମଧ୍ୟସ୍ଥତା ଅଧିନିୟମର ଧାରା 34 ଅନୁଯାୟୀ ଏହି ଆଧାରରେ ମକଦ୍ଦମାର ସ୍ଥଗିତାଦେଶ ପାଇଁ ମଧ୍ୟସ୍ଥତା କରିଥିଲେ ଯେ ଏହି ମାମଲା ବିଦ୍ୟୁତ୍ (ଯୋଗାଣ) ଅଧିନିୟମ, 1948 ର ବ୍ୟବସ୍ଥା ଅନୁଯାୟୀ ମଧ୍ୟସ୍ଥତା ପାଇଁ ଉଦ୍ଦିଷ୍ଟ ଥିଲା । ଆବେଦନଟି ଦେୱାନୀ ବିଚାରପତିଙ୍କ ଦ୍ୱାରା ଖାରଜ ହୋଇଥିଲା ଏବଂ ତାଙ୍କ ନିଷ୍ପତ୍ତିକୁ ଅତିରିକ୍ତ ସହକାରୀ ଦୌରା ବିଚାରପତି ଆବେଦନ ଉପରେ ଏବଂ ଶେଷରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପୁନରୀକ୍ଷଣରେ ନିଶ୍ଚିତ କରିଥିଲେ । ଆବେଦନକାରୀ ଏବେ ଏହି ନ୍ୟାୟାଳୟକୁ ଆସିଛନ୍ତି ।

ଆବେଦନକାରୀ ଯୁକ୍ତି କରିଥିଲେ ଯେ ଏହି ମାମଲା 1948 ମସିହାର ଅଧିନିୟମର ଷଷ୍ଠ ଅନୁସୂଚୀର ଖଣ୍ଡ XVIରେ ଥିବା ବ୍ୟବସ୍ଥା ଅନୁଯାୟୀ ମଧ୍ୟସ୍ଥତା ପାଇଁ ଉଦ୍ଦିଷ୍ଟ ଅଟେ । ଏହି ଅଧିନିୟମର କେତେକ ବ୍ୟବସ୍ଥାଗୁଡିକ ଏବେ ସୂଚାଇବାକୁ ପଡ଼ିବ । 1910 ଅଧିନିୟମ ଅନୁଯାୟୀ ବିଦ୍ୟୁତ୍ ଶକ୍ତି ଯୋଗାଣର ବ୍ୟବସାୟ କେବଳ ସରକାରଙ୍କ ମଞ୍ଜୁରି ସହିତ ପରିଚାଳିତ ହୋଇପାରିବ । ସେହି ଅଧିନିୟମର ଧାରା 3ରେ ବିଦ୍ୟୁତ ଶକ୍ତି ଯୋଗାଣ ପାଇଁ ଲାଇସେନ୍ସ ପ୍ରଦାନ

କରିବାର ବ୍ୟବସ୍ଥା ରହିଛି । ଆବେଦନକାରୀ 1932 ମସିହାରେ ଏକ ଲାଇସେନ୍ସ ହାସଲ କରିଥିଲେ । 1959

ସଂଯୁକ୍ତ ବିଦ୍ୟୁତ କମ୍ପାନୀ ଲିମିଟେଡ଼ ବନାମ ବାଥିନା

ନ୍ୟାୟମୂର୍ତ୍ତି ସରକାର

ଲାଇସେନ୍ସର ଏକ ରୂପରେଖ 1910 ଅଧିନିୟମ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ନିୟମରେ ନିର୍ଦ୍ଧାରିତ ହୋଇଛି ଏବଂ ସେହି ରୂପରେଖ ସର୍ବାଧିକ ସୀମା ନିର୍ଦ୍ଧାରଣ କରେ ଯାହା ଜଣେ ଲାଇସେନ୍ସଧାରୀ ଯୋଗାଣ ହୋଇଥିବା ବିଦ୍ୟୁତ୍ ଶକ୍ତି ପାଇଁ ଉପଭୋକ୍ତାଙ୍କୁ ମୂଲ୍ୟ ଦେବାକୁ ହକଦାର କରେ । 1948ର ଅଧିନିୟମ, ଏହି ମୂଲ୍ୟ ସମ୍ବନ୍ଧରେ କିଛି ଭିନ୍ନ ବ୍ୟବସ୍ଥା କରିଥିଲା । ଧାରା 57 ଦ୍ୱାରା ଏହା ନିମ୍ନମତେ ପ୍ରଦାନ କରାଯାଇଛି : -

" *ଧାରା 57* (1) ଷଷ୍ଠ ଅନୁସୂଚୀର ବ୍ୟବସ୍ଥାଗୁଡିକ ଏବଂ ସପ୍ତମ ଅନୁସୂଚୀରେ ସଂଲଗ୍ନ ସାରଣୀ ଲାଇସେନ୍ସଧାରୀଙ୍କ ପରବର୍ତ୍ତୀ ବର୍ଷର ଆକାଉଣ୍ଟ ଆରମ୍ଭ ହେବା ତାରିଖ ଠାରୁ, ସ୍ଥାନୀୟ କର୍ତ୍ତୃପକ୍ଷ ନ ହୋଇ, ପ୍ରତ୍ୟେକ ଲାଇସେନ୍ସଧାରୀଙ୍କ ଲାଇସେନ୍ସରେ ଅନ୍ତର୍ଭୁକ୍ତ ବୋଲି ବିବେଚନା କରାଯିବ,ଏବଂ ସେହି ତାରିଖଠାରୁ ଲାଇସେନ୍ସଧାରୀ ସେହି ଅନୁଯାୟୀ ଅନୁପାଳନ କରିବେ ଏବଂ ଏପରି ଲାଇସେନ୍ସ କିମ୍ବା ଭାରତୀୟ ବିଦ୍ୟୁତ ଅଧିନିୟମ , 1910 କିମ୍ବା ଲାଇସେନ୍ସଧାରୀଙ୍କ ପାଇଁ ପ୍ରଯୁଜ୍ୟ ଅନ୍ୟ କୌଣସି ଆଇନ, ଚୁକ୍ତିନାମା କିମ୍ବା ସାଧନର ଯେକୌଣସି ବ୍ୟବସ୍ଥାଗୁଡିକ ଏହି ଧାରା ଏବଂ ଉକ୍ତ ଅନୁସୂଚୀ ଏବଂ ସାରଣୀର ବ୍ୟବସ୍ଥାଗୁଡିକ ସହିତ ଅସଙ୍ଗତ ହେବା ପର୍ଯ୍ୟନ୍ତ ଲାଇସେନ୍ସଧାରୀଙ୍କ ସମ୍ବନ୍ଧରେ ଅବୈଧ ଏବଂ ପ୍ରଭାବହୀନ ହେବ ।

(2) ..........................................................................................................

ତେଣୁ ଏହି ଧାରାର ଲାଇସେନ୍ସରେ ଏହି ଦୁଇଟି ଅନୁସୂଚୀର ସର୍ତ୍ତାବଳୀକୁ ଅନ୍ତର୍ଭୁକ୍ତ କରିବାର ପ୍ରଭାବ ରହିଥିଲା ଏବଂ ଉଲ୍ଲେଖ ଥିଲା ଯେ ସେମାନେ ପୂର୍ବରୁ ଦିଆଯାଇଥିବା କୌଣସି ଲାଇସେନ୍ସର ସର୍ତ୍ତାବଳୀ କିମ୍ବା 1910ର ଅଧିନିୟମର ବ୍ୟବସ୍ଥା କିମ୍ବା ଅନ୍ୟ କୌଣସି ଆଇନ, ଚୁକ୍ତିନାମା କିମ୍ବା ଏହି ଅନୁସୂଚୀ ସହିତ ଅସଙ୍ଗତ କୌଣସି ସାଧନ ଉପରେ ପ୍ରାଧାନ୍ୟ ବିସ୍ତାର କରିବେ । ଷଷ୍ଠ ଅନୁସୂଚୀ ମୂଲ୍ୟ ବିଷୟରେ ନୂତନ ବ୍ୟବସ୍ଥା କରିଥିଲା ଯାହା ଲାଇସେନ୍ସଧାରୀଙ୍କୁ ଦିଆଯାଇଥିବା ବିଦ୍ୟୁତ ପାଇଁ ଆଦାୟ କରିବାକୁ ହକଦାର କରିଥିଲା । ସେହି ଅନୁସୂଚୀର ଖଣ୍ଡ XVI ରେ ମଧ୍ୟସ୍ଥତା ପାଇଁ ଏକ ବ୍ୟବସ୍ଥା ରହିଛି ଏବଂ ଏହା ଉପରେ ଆବେଦନକାରୀ ନିର୍ଭରଶୀଳ ରହିଥାନ୍ତି । ସେହି ଖଣ୍ଡରେ ଏହି ସର୍ତ୍ତାବଳୀରେ ଅଛି: "ଏହି ଅନୁସୂଚୀର ବ୍ୟବସ୍ଥାଗୁଡିକରୁ ଉତ୍ପନ୍ନ କୌଣସି ବିଷୟ କିମ୍ବା ମତଭେଦ କିମ୍ବା ବ୍ୟାଖ୍ୟା ସମ୍ବନ୍ଧରେ ପାର୍ଥକ୍ୟ କର୍ତ୍ତୃପକ୍ଷଙ୍କ ମଧ୍ୟସ୍ଥତା ନିକଟକୁ

1959
ସଂଯୁକ୍ତ ବିଦ୍ୟୁତ୍ କମ୍ପାନୀ ଲିମିଟେଡ଼
ବନାମ
ବାଥିନା

ନ୍ୟାୟମୂର୍ତ୍ତି ସରକାର

ପଠାଯିବ ।" ଆବେଦନକାରୀ ଯୁକ୍ତି କରନ୍ତି ଯେ ଉତ୍ତରଦାତାଙ୍କ ମକଦ୍ଦମା ଦ୍ୱାରା ଅନ୍ତର୍ଭୁକ୍ତ ବିବାଦ ଏହି ଖଣ୍ଡରେ ଉଲ୍ଲିଖିତ ଏକ ପ୍ରକାର ଏବଂ ତେଣୁ ଏହାର ସର୍ତ୍ତାବଳୀ ଅନୁଯାୟୀ ମଧ୍ୟସ୍ଥତା ପାଇଁ ପଠାଯିବା ଆବଶ୍ୟକ ।

ଆମେ ଅନୁମାନ କରିବୁ ଯେ ବିବାଦଟି ଷଷ୍ଠ ଅନୁସୂଚୀର ଖଣ୍ଡ XVIରେ ଏକ ପ୍ରକାରର ଉଲ୍ଲେଖ କରାଯାଇଛି । ତେବେ ଆମେ ଏହା ଦେଖିବାକୁ ଅସମର୍ଥ ଯେ ଏହା ଏକ ବିବାଦ ଯାହା ସେହି ଖଣ୍ଡ ଅନୁଯାୟୀ ମଧ୍ୟସ୍ଥତାକୁ ପଠାଯାଇପାରିବ । ଏହା ଆବେଦନକାରୀଙ୍କ ମାମଲା ନୁହେଁ ଯେ ଉତ୍ତରଦାତା ଏବଂ ଏହା ମଧ୍ୟରେ ଯେକୌଣସି ଚୁକ୍ତିରେ ଖଣ୍ଡ XVI ଏକ ସର୍ତ୍ତ ଅଟେ । ଏପରି ହେବା ଦ୍ୱାରା, ଆବେଦନକାରୀଙ୍କ ପାଇଁ ଏକମାତ୍ର ଅନ୍ୟ ଉପାୟ ଯେଉଁଥିରେ ଏହା ଯୁକ୍ତି କରିବା ସମ୍ଭବ ଯେ ଏହି ଖଣ୍ଡ ଅନୁଯାୟୀ ବିବାଦକୁ ମଧ୍ୟସ୍ଥତା ନିକଟକୁ ପଠାଇବାକୁ ଉତ୍ତରଦାତା ବାଧ୍ୟ ଅଟନ୍ତି, ତାହା ଦର୍ଶାଉଛି ଯେ ଏହା ମଧ୍ୟସ୍ଥତା ପାଇଁ ଏକ ବୈଧାନିକ ବ୍ୟବସ୍ଥା ଅଟେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ଏହା ଏପରି ଥିଲା, ତେବେ ମଧ୍ୟସ୍ଥତା ଅଧିନିୟମର ଧାରା 4ରେ ବ୍ୟବସ୍ଥାଗୁଡ଼ିକୁ ଦୃଷ୍ଟିରେ ରଖି ଆବେଦନକାରୀ ସେହି ଅଧିନିୟମ 34 ଅନୁଯାୟୀ ମକଦ୍ଦମାର ସ୍ଥଗିତାଦେଶ ପାଇଁ ହକଦାର ହେବେ । ତେଣୁ ଆମେ ଏହି ଖଣ୍ଡ XVI ଏକ ବୈଧାନିକ ବ୍ୟବସ୍ଥା ବୋଲି ସହମତ ହେବାରେ ସମ୍ପୂର୍ଣ୍ଣ ଅସମର୍ଥ ଅଟୁ । ଏହି ବିଷୟ ଉପରେ ଆମେ ଏକମାତ୍ର ବୈଧାନିକ ବ୍ୟବସ୍ଥା ପାଇଛୁ ଯାହାକି ଧାରା 57ରେ ରହିଛି ଏବଂ ଏହାର ପ୍ରଭାବ ହେଉଛି ଯେ, ଖଣ୍ଡ XVIର ସର୍ତ୍ତାବଳୀ ଏବଂ ଷଷ୍ଠ ଅନୁସୂଚୀରେ ଥିବା ଅନ୍ୟାନ୍ୟ ଖଣ୍ଡଗୁଡିକ, 1910 ଅଧିନିୟମର ଧାରା 3 ଅନୁଯାୟୀ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଲାଇସେନ୍ସରେ ଅନ୍ତର୍ଭୁକ୍ତ ବୋଲି ବିବେଚନା କରାଯିବ ଏବଂ ଲାଇସେନ୍ସଧାରୀ ସେହି ଅନୁସୂଚୀର ସର୍ତ୍ତାବଳୀ ପାଳନ କରିବେ । ତେଣୁ ଆମେ ଯାହା ପାଉଛୁ ତାହା ହେଉଛି ଆବେଦନକାରୀଙ୍କ ପରି ବିଦ୍ୟୁତ୍ ଯୋଗାଣକାରୀଙ୍କୁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଲାଇସେନ୍ସରେ ଏକ ସର୍ତ୍ତ ରହିବା ଉଚିତ ଯେ କିଛି ବିବାଦ ମଧ୍ୟସ୍ଥତା ପାଇଁ ପଠାଯିବ । ଏହି ଲାଇସେନ୍ସ ହେଉଛି ସରକାର ଏବଂ ଲାଇସେନ୍ସଧାରୀଙ୍କ ମଧ୍ୟରେ ଏକ ନିୟତ କାର୍ଯ୍ୟ, ଯାହା ପକ୍ଷମାନଙ୍କୁ ଏହା ଓ ଏହାର ବ୍ୟବସ୍ଥା ପ୍ରତି ବାଧ୍ୟ କରିଥାଏ । ଏହି ଚୁକ୍ତି, ଚୁକ୍ତିଭିତ୍ତିକ ନା ବୈଧାନିକ ତାହା ସ୍ଥିର କରିବା ଅନାବଶ୍ୟକ ଅଟେ, କାରଣ ଉଭୟ କ୍ଷେତ୍ରରେ ଏହା କେବଳ ଉଭୟଙ୍କ ମଧ୍ୟରେ ହୋଇଥାଏ । ଏହିପରି ଏକ ସାଧନରେ ଏକ ମଧ୍ୟସ୍ଥତା ଖଣ୍ଡ କେବଳ ଏହାର ପକ୍ଷମାନଙ୍କ ମଧ୍ୟରେ ବିବାଦ ସମ୍ବନ୍ଧରେ ହୋଇପାରେ । ଏହିପରି ଏକ ମଧ୍ୟସ୍ଥତା ଖଣ୍ଡ ସାଧନର ଏକ ପକ୍ଷ ଏବଂ ଏପରି ଏକ ପକ୍ଷ ନଥିବା ବ୍ୟକ୍ତିଙ୍କ ମଧ୍ୟରେ ବିବାଦକୁ ବିଚାରକୁ ନେଇ ନଥାଏ । ଆମେ ଧାରା 57କୁ ଷଷ୍ଠ ଅନୁସୂଚୀରେ ଖଣ୍ଡ XVI ଏକ ବୈଧାନିକ ବ୍ୟବସ୍ଥା ଭାବେ ନିର୍ଦ୍ଦିଷ୍ଟ

1959
ସଂଯୁକ୍ତ ବିଦ୍ୟୁତ କମ୍ପାନୀ ଲିମିଟେଡ୍
ବନାମ
ବାଥିନା
ନ୍ୟାୟମୂର୍ତ୍ତି ସରକାର

କରୁନାହୁଁ ଯାହା ଦ୍ୱାରା କୌଣସି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ କେତେକ ବିବାଦକୁ ମଧ୍ୟସ୍ଥତା ପାଇଁ ପଠାଇବାକୁ ପଡିବ ।

ଆବେଦନକାରୀଙ୍କ ତରଫରୁ କୁହାଯାଇଥିଲା ଯେ ଲାଇସେନ୍ସଟି ଏକ ବୈଧାନିକ ଦସ୍ତାବିଜ ଅଟେ । ଆମ ବିଚାରରେ ତାହା ବିଷୟକୁ ରଖିବା ପାଇଁ ଏକ ଅଲଗା ଉପାୟ ଅଟେ । ଏହା ଦ୍ୱାରା ସର୍ବଶ୍ରେଷ୍ଠ ଭାବେ କୁହାଯାଇପାରେ ଯେ ଏହା ଏକ ବୈଧାନିକ ବ୍ୟବସ୍ଥା ସର୍ତ୍ତାବଳୀ ଅନୁଯାୟୀ ଜାରି କରାଯାଇଛି ଏବଂ ଏହାର ବ୍ୟବସ୍ଥାଗୁଡ଼ିକର ଅନୁପାଳନ କରିବାକୁ ହେବ । କିନ୍ତୁ ଏହାକୁ ବିବାଦର ମଧ୍ୟସ୍ଥତାକୁ ବିଚାରର୍ଥେ ପ୍ରେରଣ ପାଇଁ ଏକ ବୈଧାନିକ ବ୍ୟବସ୍ଥା ଭାବେ ରୂପାନ୍ତରିତ କରିପାରିବ ନାହିଁ, ଯେଉଁ ପକ୍ଷମାନଙ୍କ ମଧ୍ୟରେ ବିବାଦ ବିଦ୍ୟମାନ ଥାଉ ନା କାହିଁକି ।

ତେଣୁ ଆମ ମତରେ ଏକ ଲାଇସେନ୍ସ ପ୍ରାପ୍ତ ବିଦ୍ୟୁତ ଯୋଗାଣକାରୀ ଏବଂ ତାଙ୍କଠାରୁ ଏହାର ଏକ ଉପଭୋକ୍ତା ମଧ୍ୟରେ ମଧ୍ୟସ୍ଥତା ପାଇଁ ,ବୈଧାନିକ କିମ୍ବା ଅନ୍ୟଥା, ଆମ ସମ୍ମୁଖରେ ଥିବା ଏହି ପ୍ରକାରର ବିବାଦର ବିଚାରର୍ଥେ ପ୍ରେରଣ ପାଇଁ ଅଧିନିୟମ 1948ର ଷଷ୍ଠ ଅନୁସୂଚୀର ଖଣ୍ଡ XVIରେ ଏପରି କୌଣସି ବ୍ୟବସ୍ଥା ନାହିଁ ।

ଫଳସ୍ୱରୂପ, ଏହି ଆବେଦନ ବିଫଳ ହୋଇଥାଏ ଏବଂ ଖର୍ଚ୍ଚ ସହିତ ଖାରଜ ହୋଇଛି ।

*ଆବେଦନକୁ ଖାରଜ କରାଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ, ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।